PR No. 280
Dt. 27.11.25

COURT OF THE TAHASILDAR HEMGIR, DIST.-SUNDARGARH

# ତହସିଲଦାରଙ୍କ ଅଦାଲତ, ହେମଗିର

(ଇସ୍ତିହାର)

**ଏଲିନେଶନ କେଶ ନମ୍ବର- ୪୦/୨୦୨୫**

ଏତଦ୍ବାରା ମୌଜା – ବୁଢାଝରିଆ, ଥାନା – ହେମଗିର, ଜିଲ୍ଲା ସୁନ୍ଦରଗଡ ର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବନଖଣ୍ଡ ଅଧିକାରୀ, ସୁନ୍ଦରଗଡ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି କୁ ବନୀକରଣ (Compensatory Afforestation) ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ବନ ବିଭାଗ ନାମେ ବନ୍ଦୋବସ୍ତ କରାଯିବାପାଇଁ ଅତ୍ର ଅଦାଲତରେ ବିଚାରାଧିନ ଅଛି। ଏଣୁ ଉଲ୍ଲେଖିତ ପରିବର୍ତ୍ତନ ସଂକ୍ରାନ୍ତରେ ଯଦି କୌଣସି ବ୍ୟକ୍ତି ବିଶେଷାଙ୍କ ତତ୍ ସମ୍ବନ୍ଧୀଯ ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତିହାର ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ (ସରକାରୀ ଛୁଟିଦିନ ବ୍ୟତୀତ) ଲିଖିତାକାରରେ ଆବଶ୍ୟକୀୟ କୋର୍ଟଫିସ୍ ସହ ଆପତ୍ତି ଦାଏର କରିପାରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି ଅଭିଯୋଗ ଅଗ୍ରାହ୍ୟ ହେବ ତଥା ଆଇନାନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଜମି ତଫସିଲ

| ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର ରେ) | ପ୍ରସ୍ତାବିତ ରକବା (ଏକର ରେ) |
|---|---|---|---|---|---|
| ବୁଢାଝରିଆ | ୨୮ (ଆବାଦ ଅଯୋଗ୍ୟ ଅନାବାଦି) | ୨୦୮ /ସ୍ମ | ପାହାଡ | ୧୫.୭୧ | ୧୩.୮୭ |
| | | ୨୧୭/ସ୍ମ | ପାହାଡ | ୧.୩୦ | ୧.୧୦ |
| | | ୨୧୯/ସ୍ମ | ପାହାଡ | ୧୭.୫୦ | ୧୩.୩୨ |
| | | ୨୫୯/ସ୍ମ | ପାହାଡ | ୧୩.୭୫ | ୧୩.୧୮ |
| | | ୨୭୪/ସ୍ମ | ପାହାଡ | ୨୨.୭୭ | ୨୦.୮୦ |
| | | ୩୦୬ | ପାହାଡ | ୦.୫୮ | ୦.୫୮ |
| ମୋଟ | | | | | ୬୨.୮୫ |

ତହସିଲଦାର, ହେମଗିର
ତହସିଲଦାର ହେମଗିରି

ଜ୍ଞାପକ ସଂଖ୍ୟା ୩୪୩୧ ତାରିଖ ୨୭.୧୧.୨୫

ଏହାର ଏକକିତା ନକଲ **ସରପଞ୍ଚ, ଢୁରୁବଗା ଗ୍ରାମପଞ୍ଚାୟତଙ୍କ** ଅବଗତି ତଥା ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ଏବଂ ଏକ ନକଲ ସଂପୃକ୍ତ ଗ୍ରାମର ଦୃସ୍ୟମାନ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରୀ ପାଇଁ ପ୍ରେରଣ କରାଗଲା ଏବଂ ଗ୍ରାମରେ ଡେଙ୍ଗୁରା/ମାଇକ ବଜାଇ ପ୍ରଚାର ପାଇଁ ଆଦେଶ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ହେମେଗିର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଲଟକାଜାରୀ କରାଗଲା ।

ଏହାର ଏକକିତା ନକଲ **ଜିଲ୍ଲା ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ** ଙ୍କ ଅବଗତି ନିମନ୍ତେ ପଠଗଲା ଓ ବହୁଳ ପ୍ରଚାର ନିମନ୍ତେ sundargarh.odisha.gov.in ୱେବସାଇଟ ରେ ଅପଲୋଡ ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ହେମଗିର
ତହସିଲଦାର ହେମଗିରି